# NATIONAL NEWS BULLETIN (ODIA)

**3 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଯୁଦ୍ଧ ସମାପ୍ତି ଲକ୍ଷ୍ୟ ନେଇ ଆମେରିକାକୁ ୧୪ ସୂତ୍ରୀ ପ୍ରସ୍ତାବ ପ୍ରଦାନ କରିଛି ଇରାନ୍

– ପ୍ରସ୍ତାବର ସମୀକ୍ଷା କରାଯାଉଛି କହିଲେ ଆମେରିକା ରାଷ୍ଟ୍ରପତି

- ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଓ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଆସନ୍ତାକାଲି ହେବ ଭୋଟ୍‌ଗଣତି

- ନିଟ୍ ୟୁଜି-୨୦୨୬ ପ୍ରବେଶିକା ପରୀକ୍ଷା ଆଉ ଅଳ୍ପ ସମୟ ମଧ୍ୟରେ ହେବ ଆରମ୍ଭ

- ଗଣମାଧ୍ୟମ ସ୍ୱାଧୀନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ଖେଳାଯିବ ଦୁଇଟି ମ୍ୟାଚ୍

# ଇରାନ୍ ୧୪ ପଏଣ୍ଟ ପ୍ଲାନ୍

ଯୁଦ୍ଧ ସମାପ୍ତିକୁ ଦୃଷ୍ଟିରେ ରଖି ଇରାନ୍ ପକ୍ଷରୁ ଆମେରିକାକୁ ଏକ ୧୪ ସୂତ୍ରୀ ପ୍ରସ୍ତାବ ପ୍ରଦାନ କରାଯାଇଛି। ଯୁଦ୍ଧବିରତି ସମୟସୀମାକୁ ବୃଦ୍ଧି କରିବା ପରିବର୍ତ୍ତେ ଯୁଦ୍ଧ ସମାପ୍ତିକୁ କୂଟନୈତିକ ପ୍ରୟାସ ମାଧ୍ୟମରେ ଆଗକୁ ନେବାକୁ ଏଥିରେ ପ୍ରାଥମିକତା ପ୍ରଦାନ କରାଯାଇଛି। ଲେବାନନ୍ ସମେତ ଇସ୍ରାଏଲ ଏବଂ ଆମେରିକା ସହ ଯୁଦ୍ଧ ପରିପ୍ରେକ୍ଷୀରେ ବିଭିନ୍ନ ଅଞ୍ଚଳରେ ଚାଲିଥିବା ସଂଘର୍ଷକୁ ସମାପ୍ତ କରିବା ନେଇ ଏଥିରେ ପ୍ରସ୍ତାବ ରହିଛି। ୩୦ ଦିନ ମଧ୍ୟରେ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ନେଇ ଇରାନ ଦାବି ଉପସ୍ଥାପନ କରିଛି। ଆମେରିକା ପକ୍ଷରୁ ସାମରିକ ଆକ୍ରମଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖିବା ଏବଂ ଇରାନ ଚତୁଃପାର୍ଶ୍ୱ ଅଞ୍ଚଳରୁ ଆମେରିକୀୟ ବାହିନୀକୁ ପ୍ରତ୍ୟାହାର କରିବା ଏହି ପ୍ରସ୍ତାବରେ ଉଲ୍ଲେଖ ରହିଛି। ଏଥିସହିତ ଜବତ ଇରାନ ସମ୍ପତ୍ତିର ମୁକ୍ତି, ବିଭିନ୍ନ କ୍ଷେତ୍ରରେ ପ୍ରତିବନ୍ଧକକୁ ପ୍ରତ୍ୟାହାର କରିବା ଏବଂ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସଂକ୍ରାନ୍ତ ସର୍ତ୍ତ ଏହି ପ୍ରସ୍ତାବରେ ରହିଛି। ଇରାନ୍‌ର ଉପବୈଦେଶିକ ମନ୍ତ୍ରୀ କାଜେମ ଘରିବାବାଦୀ କହିଛନ୍ତି, ସଂଘର୍ଷର ସ୍ଥାୟୀ ଅନ୍ତଃକୁ ଦୃଷ୍ଟିରେ ରଖି ଇରାନ୍ ପକ୍ଷରୁ ଏହି ୧୪ ସୂତ୍ରୀ ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ତେବେ ପ୍ରସ୍ତାବରେ ଆମେରିକାର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି ବୋଲି ଶ୍ରୀ ଘରିବାବାଦୀ କହିଛନ୍ତି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ଏହି ପ୍ରସ୍ତାବ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ସମୀକ୍ଷା କରାଯାଉଛି ବୋଲି କହିଛନ୍ତି। ସାମରିକ ଅଭିଯାନର ଅନ୍ୟାନ୍ୟ ବିକଳ୍ପ ଉପରେ ଆମେରିକା ଚିନ୍ତା କରୁଛି ବୋଲି ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ଇରାନ ସହିତ ସଂଘର୍ଷର ପରିସମାପ୍ତି ଲକ୍ଷ୍ୟ

ନେଇ ହ୍ୱାଇଟ୍ ହାଉସ ପକ୍ଷରୁ କୂଟନୈତିକ ଦଳର ପରାମର୍ଶଦାତା ଭାବେ ନିକ ଷ୍ଟୁଆର୍ଟଙ୍କୁ ନିଯୁକ୍ତ କରାଯାଇଛି।

## ଭୋଟ୍ କାଉଣ୍ଟିଂ

ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଭୋଟ୍‌ଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ। ଏଥିସହ ଅନ୍ୟ କେତୋଟି ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ମଧ୍ୟ ଭୋଟ୍‌ଗଣତି ଆସନ୍ତାକାଲି କରାଯିବ। ଆସାମର ସମସ୍ତ ୧୨୬ଟି ଆସନ, କେରଳର ୧୪୦, ପୁଡୁଚେରୀର ୩୦ଟି ଆସନ ପାଇଁ ଗତ ମାସ ୯ ତାରିଖରେ ମତଗ୍ରହଣ କରାଯାଇଥିଲା। ତାମିଲନାଡୁର ୨୩୪ଟି ଯାକ ବିଧାନସଭା ଆସନ ପାଇଁ ଏକକ ପର୍ଯ୍ୟାୟରେ ଗତ ୨୩ ତାରିଖରେ ଏବଂ ପଶ୍ଚିମବଙ୍ଗର ୨୯୪ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ୨୩ ଓ ୨୯ ତାରିଖରେ ମତଗ୍ରହଣ କରାଯାଇଥିଲା। ତେବେ ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାର ଫାଲ୍‌ଟା ବିଧାନସଭା ନିର୍ବାଚନମଣ୍ଡଳୀରେ ମତଗ୍ରହଣକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଥିବାରୁ ଆସନ୍ତାକାଲି ୨୯୩ଟି ଆସନର ଭୋଟ୍‌ଗଣତି ଅନୁଷ୍ଠିତ ହେବ। ପଶ୍ଚିମବଙ୍ଗର ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ୧୫ଟି ବୁଥ୍‌ରେ ଗତକାଲି ପୁନଃ ମତଦାନ ପ୍ରକ୍ରିୟା ହୋଇଥିଲା। ଭୋଟ୍‌ଗଣତି ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି।

ପଶ୍ଚିମବଙ୍ଗରେ ଭୋଟ୍‌ଗଣତି ପାଇଁ ୭୭ଟି କେନ୍ଦ୍ର ସ୍ଥାପନ କରାଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗଣନାରେ ସ୍ୱଚ୍ଛତା ଓ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମେ ପୋଷ୍ଟାଲ ବାଲାଟ୍ ଗଣତି କରାଯିବ ଏବଂ ପରେ ଇଭିଏମ୍ ମେସିନ ଭୋଟ୍ ଗଣନା କାର୍ଯ୍ୟ ଆରମ୍ଭ ହେବ। ଅପରାହ୍ନ ସୁଦ୍ଧା କେତେକ ଆସନରେ ଫଳାଫଳ ସ୍ପଷ୍ଟ ହେବାର ସମ୍ଭାବନା ରହିଛି।

ତାମିଲନାଡୁରେ ଆସନ୍ତାକାଲି ସକାଳ ୮ଟାରୁ ନିର୍ଦ୍ଧାରିତ ୬୨ଟି କେନ୍ଦ୍ରରେ ଭୋଟ୍‌ଗଣତି ଆରମ୍ଭ ହେବ। ଏଥିପାଇଁ ୧୦ ହଜାର ୫୪୫ ଜଣ ଗଣନାକରୀ ନିୟୋଜିତ ହେବେ।

## କେରଳମ୍ ଭୋଟିଂ

କେରଳମ୍‌ରେ ଆସନ୍ତାକାଲିର ଭୋଟ୍‌ଗଣତି ପାଇଁ ୧୪୦ଟି କେନ୍ଦ୍ର ସ୍ଥାପନ କରାଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀ ଦେଇଥିବା ସୂଚନା ଅନୁଯାୟୀ, ସକାଳ ୬ଟା ସୁଦ୍ଧା ସମସ୍ତ କର୍ମଚାରୀଙ୍କୁ ଗଣନା କେନ୍ଦ୍ରରେ ପହଁଞ୍ଚିବାକୁ କୁହାଯାଇଛି। ସକାଳ ୭ଟାରୁ ଭୋଟ୍‌ଗଣତି ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ରିଟର୍ଣ୍ଣିଂ ଅଧିକାରୀଙ୍କ ସମେତ ଗଣନା କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ ପାଇଁ ନୂତନ ଭାବେ ପ୍ରଚଳିତ କ୍ୟୁ.ଆର୍.କୋଡ଼ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି। ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଆସାମ କାଉଣ୍ଟିଂ

ଆସାମର ୧୨୬ଟି ଯାକ ବିଧାନସଭା ମଣ୍ଡଳୀର ଭୋଟ୍ ଗଣତି ପାଇଁ ୩୫ଟି ଜିଲ୍ଲାରେ ୪୦ଟି କେନ୍ଦ୍ର ସ୍ଥାପନ କରାଯାଇଛି। ୫୯ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ୭୨୨ ଜଣଙ୍କର ରାଜନୈତିକ ଭାଗ୍ୟ ଆସନ୍ତାକାଲି ନିର୍ଦ୍ଧାରିତ ହେବ। ୨୫ କମ୍ପାନୀ ସି.ଏ.ପି.ଏଫ୍. ବାହିନୀ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଅଛନ୍ତି।

## ପୁଡୁଚେରୀ-କାଉଣ୍ଟିଂ

ପୁଡୁଚେରୀର ତିନୋଟି କେନ୍ଦ୍ରରେ ଆସନ୍ତାକାଲି ୩୦ଟି ଯାକ ବିଧାନସଭା ମଣ୍ଡଳୀ ପାଇଁ ଭୋଟ୍‌ଗଣତି କରାଯିବ। କରେଇକାଲ, ୟାନମ ଏବଂ ମାହେ ଠାରେ ଏହି ତିନୋଟି ଗଣନାକେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସ୍ୱଚ୍ଛ ତଥା ଅବାଧ ଗଣନାକୁ ଦୃଷ୍ଟିରେ ରଖି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।  ଗଣନା କେନ୍ଦ୍ରର ୧୦୦ ମିଟର ପରିଧିକୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସାମିଲ କରାଯାଇଛି। ସେହି ଅଞ୍ଚଳରେ କୌଣସି ପ୍ରକାର ଯାନବାହନ ଚଳାଚଳକୁ ନିଷିଦ୍ଧ କରାଯାଇଛି।

## ନିଟ୍ ୟୁଜି-୨୦୨୬

ସ୍ନାତକ ଡାକ୍ତରୀ ଶିକ୍ଷାରେ ନାମଲେଖା ପାଇଁ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି-୨୦୨୬ ଆଉ ଅଳ୍ପ ସମୟ ମଧ୍ୟରେ ଆରମ୍ଭ ହେବ। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ପାଇଁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି। ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବା ଆରମ୍ଭ କରିସାରିଛନ୍ତି। ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଦ୍ୱାରା

ପରିଚାଳିତ ଏହି ପରୀକ୍ଷାକୁ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଦୁବାଇ ଏବଂ ସାରଜାହାଠାରେ ମଧ୍ୟ ଏହି ପ୍ରବେଶିକ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ଦୁବାଇରେ ଥିବା ଭାରତୀୟ କନସୁଲେଟ୍ ଜେନେରାଲଙ୍କ କାର୍ଯ୍ୟାଳୟ ପରୀକ୍ଷା ପରିଚାଳନା ନେଇ ତଦାରଖ କାର୍ଯ୍ୟ କରୁଛନ୍ତି।

## ଏଲ୍‌ପିଜି କ୍ୟାରିୟର- ହର୍ମୁଜ

ବିଶାଖାପାଟଣା ବନ୍ଦରଠାରେ ଆସନ୍ତା ୧୩ ତାରିଖରେ ଏମ୍.ଟି.ସର୍ବଶକ୍ତି ନାମକ ଏକ ପଣ୍ୟବାହୀ ଜାହାଜ ଆସିବ ପହଁଞ୍ଚିବାର ସମ୍ଭାବନା ରହିଛି। ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୧୮ ଜଣ ଭାରତୀୟଙ୍କ ସମେତ ୨୦ ଜଣ କ୍ରୁ' ସଦସ୍ୟଙ୍କୁ ଧରି ଏହି ଜାହାଜଟି ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ଜାହାଜରେ ୪୬ ହଜାର ୩୧୩ ଟନ୍ ଏଲ୍.ପି.ଜି. ଆସୁଛି। ମନ୍ତ୍ରଣାଳୟ କହିଛି, ଉପସାଗରୀୟ ଅଞ୍ଚଳରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଭାରତୀୟ ପତାକା ଯୁକ୍ତ ଜାହାଜ ସହିତ କୌଣସି ଅଘଟଣ ଘଟିବାର ଖବର ହସ୍ତଗତ ହୋଇନାହିଁ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଭାରତୀୟ ସମ୍ପ୍ରଦାୟଙ୍କ ସୁରକ୍ଷା ତଥା ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଉପସାଗରୀୟ ଏବଂ ପଶ୍ଚିମ ଏସିଆ କ୍ଷେତ୍ର ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି।

## ଓ୍ୱାର୍ଲଡ ପ୍ରେସ୍ ଫ୍ରିଡମ୍

ଗଣମାଧ୍ୟମ ସ୍ୱାଧୀନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱବ୍ୟାପୀ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରାଯାଉଛି। ୧୯୯୧ ମସିହାରେ ୟୁନେସ୍କୋର ୨୬ତମ ସାଧାରଣ ଅଧିବେଶନରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୯୯୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଶାନ୍ତିପୂର୍ଣ୍ଣ ଭାବେ ଭବିଷ୍ୟତର ଗଠନ'। ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଭବିଷ୍ୟତ ପାଇଁ ଏକ ଦୃଢ଼ ସୂଚନା ଇକୋସିଷ୍ଟମ ପ୍ରସ୍ତୁତ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ।

## ପଞ୍ଚାୟତିରାଜ ଓ୍ୱାର୍କସପ୍

ପଞ୍ଚାୟତ ସ୍ତରରେ ବିକାଶ ଯୋଜନାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏକ ଦୁଇ ଦିନିଆ ଜାତୀୟ କର୍ମଶାଳା ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ପଞ୍ଚାୟତ ବିକାଶ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ରୂପରେଖ ପ୍ରସ୍ତୁତ କରାଯିବ। ମନ୍ତ୍ରଣାଳୟ କହିଛି, ଷୋଡ଼ଶ ଅର୍ଥ କମିଶନଙ୍କ ସର୍ତ୍ତାବଳୀ ଆଧାରିତ ତୃଣମୂଳସ୍ତରରେ ତଥ୍ୟ ପରିଚାଳନା ମାଧ୍ୟମରେ ସୁବ୍ୟବସ୍ଥିତ ଢଙ୍ଗରେ ବିକାଶ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ। ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ଆସନ୍ତାକାଲି କର୍ମଶାଳାକୁ ଉଦ୍‌ଘାଟନ କରିବେ। ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ପ୍ରମୁଖ ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକର ବରିଷ୍ଠ

ପଦାଧିକାରୀ ଏହି କର୍ମଶାଳାରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ବିକାଶ ନେଇ ମତବିନିମୟ କରିବେ ବୋଲି ମନ୍ତ୍ରଣାଳୟ କହିଛି।

## ରିଜିଜୁ-ଓପୋଜିସନ

ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା କିରଣ ରିଜିଜୁ ଅଭିଯୋଗ କରିଛନ୍ତି, ବିରୋଧୀ ଦଳ’ ସରକାରୀ ସଂସ୍ଥା, ନିର୍ବାଚନ ଆୟୋଗ, ଇଭିଏମ୍ ପରେ ଏବେ ନ୍ୟାୟପାଳିକାକୁ ନେଇ ଆରୋପ ଲଗାଇଛନ୍ତି। ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଏହି ଦଳଗୁଡ଼ିକ ଦେଶର ଗଣତନ୍ତ୍ର ଉପରେ ଆକ୍ରମଣ କରୁଛନ୍ତି। ଶ୍ରୀ ରିଜିଜୁ କହିଛନ୍ତି, କଂଗ୍ରେସ ଦଳ ଶାସନରେ ଥିବା ସମୟରେ ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲା।  ସେ କହିଛନ୍ତି, କଂଗ୍ରେସ ସରକାର ସମୟରେ ସାମ୍ବିଧାନିକ ଦାୟିତ୍ୱରେ ଥିବା ଏଜେନ୍ସିର ବରିଷ୍ଠ ପଦଗୁଡ଼ିକୁ ସିଧାସଳଖ ସରକାର ନିଯୁକ୍ତି ଦେଉଥିଲେ। କିନ୍ତୁ ବର୍ତ୍ତମାନ ସମୟରେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକୁ କମିଟି ମାଧ୍ୟମରେ ନିଯୁକ୍ତି ଦିଆଯାଉଛି।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ। ଅପରାହ୍ଣ ସାଢ଼େ ୩ଟାରେ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଆଜିର ଦ୍ୱିତୀୟ ମ୍ୟାଚ୍ ଗୁଜୁରାଟ ଟାଇଟନ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଅହମ୍ମଦାବାଦର ନରେନ୍ଦ୍ର

ମୋଦୀ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ।

## ଆଇଏମ୍‌ଡି-ଓ୍ୱେଦର

ଉତ୍ତର-ପୂର୍ବ ଭାରତ, କେରଳମ୍, ମାହେ, ପଶ୍ଚିମବଙ୍ଗର ଉପ ହିମାଳୟ ଅଞ୍ଚଳ, ସିକ୍କିମ୍, ତାମିଲନାଡୁ ଏବଂ ପୁଡୁଚେରୀର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଜାମ୍ମୁ-କାଶ୍ମୀର, ଲଦାଖ, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଝଡ଼ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି। ଓଡ଼ିଶା ସମେତ ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ବିହାର, କେରଳମ୍, ପଞ୍ଜାବ ଏବଂ ମଧ୍ୟପ୍ରଦେଶର କେତେକ ଅଞ୍ଚଳରେ ପୂର୍ବ ଭଳି ପାଗ ବଳବତ୍ତର ରହିବ ବୋଲି ବିଭାଗ ଅନୁମାନ କରିଛି।